# Akashvani, Sambalpur

## SAMBALPURI NEWS EVENING BULLETIN

## 17 March 2026-7.02- 7.12 pm.

---

୧- ବିଧାନ୍‌ସଭା ନ ପାରିତ୍ ହେଲା ଇସ୍ପାତ୍, ଖଣି ଆଉ ବାଣିଜ୍ୟ, ପରିବହନ୍ ବିଭାଗ୍‌ର ଖର୍ଚ୍ଚା ଦାବି ।

- କଟକ୍ ଏସ୍‌ସିବି ମେଡ଼ିକାଲ୍ ଘଟ୍‌ନାକେ ନେଇକରି ବିରୋଧୀ ସଦସ୍ୟମାନ୍‌କର୍ ହୋହଲ୍ଲା ।

୨- ଅନଧିକୃତ ଏଲ୍‌ପିଜି ବେଭାର୍‌କାରୀଙ୍କୁ କର୍‌ବାର୍‌କେ ପଡ଼୍‌ବା ଆଧାର୍ ପଞ୍ଜିକୃତ ଇ-କେଓ୍ୱାଇସି ବ୍ୟବସ୍ଥା- ପେଟ୍ରୋଲିୟମ୍ ମନ୍ତ୍ରଣାଳୟର୍ ସୂଚ୍‌ନା ।

୩- ଅପରେସନ୍ ସାଇବର୍ କବଚ୍‌ଥି ରାଏଜେ କରାଯାଇଛେ ୩୯ ହଜାର୍ ୭ ଶହ ୧୪ ଟା ବେଆଇନ୍ ବେଙ୍କ୍ ଏକାଉଂଟ୍ ଯାଂଚ୍ ।

ଆଉର୍

୪- ଆଏବା ୨୦ ତାରିଖ୍‌ତକ୍ ରାଏଜେ ଲାଗି ରହେବା କାଲ୍‌ବୈଶାଖୀର୍ ପ୍ରଭାବ୍- ଅନୁମାନ୍ କଲା ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ।

ବିଧାନ୍‌ସଭା ଆଇ.ଆଣ୍ଡ୍.ପି.ଆର୍/ ଭୁବ୍‌ନେଶ୍ୱର୍
ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପ୍‌ଥି ଆଏଜ୍ କଟକ୍ ଏସ୍‌ସିବି ଡାକ୍ତର୍‌ଖାନା ଅଗ୍ନିକାଣ୍ଡ ଘଟ୍‌ନାକେ ନେଇକରି ବିରୋଧୀ ସଦସ୍ୟମାନେ ଜବର୍ କିର୍ଲାଗଗା କରିଥିଲେ । ଇଥିର୍‌ଲାଗି ବାର୍‌ବାର୍ ଗୃହ ମୁଲ୍‌ତବୀ ହେଇଥିଲା । ଉପର୍‌ବେଲା ରାଜ୍ୟର୍ ଭିନ୍ ଭିନ୍ ସ୍ୱାର୍ଥ ସମ୍ବଳିତ ବିଷୟ ଉପ୍‌ରେ ଆଲୋଚନା ହେଇଥିଲା । ବାଣିଜ୍ୟ, ପରିବହନ, ଇସ୍ପାତ୍ ଆଉ ଖଣିମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ଗୃହ ନ ୨୦୨୬-୨୭ ଆର୍ଥିକ୍ ବଛର୍ ଲାଗି ନିଜର୍ ବିଭାଗ୍‌ର ଖର୍ଚ୍ଚା ଦାବି ଉପସ୍ଥାପନ୍ କରିଛନ୍ । ମନ୍ତ୍ରୀ ଶ୍ରୀ ଜେନା ଇସ୍ପାତ୍ ଆଉ ଖଣି ବିଭାଗ୍ ଲାଗି ୩ ଶହ ୬୫ କୋଟି ୧୧ ଲାଖ୍ ୪୪ ହଜାର୍ ଟଙ୍କା ଆଉ ବାଣିଜ୍ୟ ଆଉ ପରିବହନ ବିଭାଗ୍ ଲାଗି ୪ ହଜାର୍ ୭୯ କୋଟି ୮୧ ଲାଖ୍ ୩୦ ହଜାର୍ କୋଟି ଟଙ୍କା ଖର୍ଚ୍ଚା ଦାବି ଆଗତ୍ କରିଛନ୍ । ତାର୍ ଉତ୍‌ରୁ ଖର୍ଚ୍ଚା ଦାବିକେ ନେଇକରି ଗୃହ ନ ଆଲୋଚନା ହେଇଥିଲା । ମନ୍ତ୍ରୀଙ୍କର୍ ଉତର୍ ଉତ୍‌ରୁ ଖର୍ଚ୍ଚା ଦାବି ବାଚନିକ ଭୋଟ୍‌ଥି ଗୃହର୍ ଅନୁମୋଦନ୍ ପାଇଥିଲା ।

ଆଏଜ୍ ସଖାଲ୍‌ବେଲା ଗୃହ କାର୍ଯ୍ୟ ମୁଲ୍ ହଉନ୍‌ସାର୍ ବିରୋଧୀ ଦଲର୍ ନେତା ନବୀନ୍ ପଟ୍ଟନାୟକ୍ ଆଉ କଂଗ୍ରେସ ବିଧାୟକ୍

ଦଳର୍ ନେତା ରାମଚନ୍ଦ୍ର କାଡ଼ାମ୍ ଏସ୍‌ସିବି ଅଗ୍ନିକାଣ୍ଡକେ ନେଇକରି ସ୍ୱାସ୍ଥ୍ୟମନ୍ତ୍ରୀଙ୍କର୍ ଇସ୍ତଫା ଦାବି କର୍‌ବାର୍ ସହେତେ ମୃତକଙ୍କର୍ ପରିବାର୍‌କେ ୫୦ ଲାଖ୍ ଟଙ୍କା ସାହାଜ୍ ଦାବି କରିଥିଲେ । ପ୍ରସଙ୍ଗକେ ନେଇକରି ବିରୋଧୀମାନେ ହୋହଲ୍ଲା କର୍‌ବାର୍‌ନୁ ବାଚସ୍ପତି ସୁରମା ପାଢ଼ୀ ୧୦ ବାଜିକରି ୩୭ ମିନିଟ୍‌ନୁ ୧୨ ବଜେତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଥିଲେ । ୧୨ ବଜେ ଭିଲ୍ ସମାନ୍ ଥିତି ଲାଗି ରହେବାର୍‌ନୁ ବାଚସ୍ପତି ଉପର୍‌ବେଲା ୪ ବଜେତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଥିଲେ ।

ବିଧାନସଭା-ଏସ୍‌ସିବି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

କଟକ୍ ଏସ୍‌ସିବି ଡାକ୍ତର୍‌ଖାନା ଅଗ୍ନିକାଣ୍ଡ ଘଟ୍‌ନାକେ ନେଇକରି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ବିଧାନ୍‌ସଭା ନ ଆଏଜ୍ ବିରୋଧୀ ସଦସ୍ୟମାନ୍‌କର୍ ପ୍ରଶ୍ନର୍ ଉତର୍ ରଖିଛନ୍ । ସ୍ୱାସ୍ଥ୍ୟମନ୍ତ୍ରୀ ଘଟ୍‌ନାକେ ନେଇକରି ଦୁଖ ପ୍ରକାଶ୍ କରିକରି କହିଛନ୍, ନିଆଁ ଲାଗ୍‌ବାର୍ ଉତ୍‌ରୁ ଏସ୍‌ସିବି ଟ୍ରମା କେୟାର୍ କେନ୍ଦ୍ରର୍ ପହେଲା ମହଲା ଆଇସିୟୁ ଆଉ ତାର୍ ପାଖାପାଖି

ୱାର୍ଡ଼ ନ ୨୩ ଝନ୍ ରୋଗୀଙ୍କୁ ତୁର୍ତି ସ୍ଥାନାନ୍ତର୍ କରାୟାଇଥିଲା । ଆଇସିୟୁ ନ ଥିବା ୭ ଝନ୍ ରୋଗୀଙ୍କର୍ ଅବସ୍ଥା ସଙ୍କଟାପନ୍ନ ଥିବାର୍ନୁ ସେମାନ୍କର୍ ମୃତ୍ୟୁ ହେଇଥିଲା । ସ୍ଥାନାନ୍ତର୍ ଉତ୍ରୁ ଚିକିସ୍ସା ଚାଲିଥିବା ବେଲେ ଅଲ୍ଗା ୫ ଝନ୍ ଗୁରୁତର୍ ରୋଗୀଙ୍କର୍ ଭିଲ୍ ମୃତ୍ୟୁ ହେଇଥିଲା । ରୋଗୀମାନ୍କୁ ଉଦ୍ଧାର୍ କଲା ବେଲ୍କେ ୧୧ ଝନ୍ ମେଡ଼ିକାଲ୍ କର୍ମଚାରୀ ଭିଲ୍ ଆହତ୍ ହେଇଛନ୍ । ସେମାନ୍କର୍ ଚିକିସ୍ସା ଚାଲିଛେ ଆଉ ସଭେ ବିପଦ୍ମୁକ୍ତ ଅଛନ୍ । ଘଟ୍ନା ଉତ୍ରୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତୁର୍ତି ଡାକ୍ତର୍ଖାନାକେ ପୁହୁଁଚିକରି ଥିତି ଅନୁଧାନ୍ କର୍ବାର୍ ସହେତେ ସାହାଜ୍ ଘୋଷ୍ନା କରିଥିଲେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ । ଇତାର୍ସହେତେ ମୁଖ୍ୟମନ୍ତ୍ରୀ ବିଚାର୍ ବିଭାଗୀୟ ତଦନ୍ତ୍ ନିର୍ଦ୍ଦେଶ୍ ଭିଲ୍ ଦେଇଛନ୍ ବଲି ଶ୍ରୀ ମହାଲିଙ୍ଗ୍ କହିଛନ୍ । ସ୍ୱାସ୍ଥ୍ୟମନ୍ତ୍ରୀ ଆହୁରି କହିଛନ୍, ରାଏଜେ ଥିବା ୨ ହଜାର୍ ୧୦ ଟା ଡାକ୍ତରୀ ପ୍ରତିଷ୍ଠାନ୍ ନ ଫାୟାର୍ ଅଡିଟ୍ କରାୟାଇଛେ । ଇଥିର୍ଲାଗି ପହେଲାକରି ରାଜ୍ୟ ସର୍କାର୍ ଖାସ୍ ବଜେଟ୍ ବ୍ୟବସ୍ଥା କରିଛନ୍ ।

ରନ୍ଧା ଗେସ୍- ବାୟୋମେଟ୍ରିକ୍ ହି.ସ.

ରନ୍ଧା ଗେସ୍‌ଥି ବାୟୋମେଟ୍ରିକ୍ ଆଧାର୍ ପ୍ରମାଣିକରଣ୍ ଇ-କେଓ୍ୱାଇସିକେ ନେଇକରି କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଲୟ ତର୍‌ଫୁ ସ୍ୱଷ୍ଟିକରଣ୍ ଦିଆଯାଇଛେ । ମନ୍ତ୍ରଣାଲୟର୍ ସୂଚ୍‌ନା ଅନ୍‌ସାରେ ସବୁ ଏଲ୍‌ପିଜି ବେଭାର୍‌କାରୀଙ୍କର୍ ଲାଗି ଇ-କେଓ୍ୱାଇସି ବ୍ୟବସ୍ଥା ବାଧ୍ୟତାମୂଲକ୍ ନୁହେଁ । ଖାଲି ଅନଧିକୃତ ଏଲ୍‌ପିଜି ବେଭାର୍‌କାରୀଙ୍କର୍ ଲାଗି ଇ ବ୍ୟବସ୍ଥା କରାଯାଇଛେ । ଯେନ୍ ଏଲ୍‌ପିଜି ଉପଭୋକ୍ତା ଇ-କେଓ୍ୱାଇସି ନାଇଁ କର୍‌ବାର୍ ଟାଏଲ୍ ସେମାନେ ହିଁ ଇଟା କର୍‌ବେ । ଲୁକେ ନିଜର୍ ଘରୁ ଥାଇକରି ଇ-କେଓ୍ୱାଇସି କରିପାର୍‌ବେ ବଲି ମନ୍ତ୍ରଣାଲୟ ତର୍‌ଫୁ କୁହାଯାଇଛେ ।

ଉପମୁଖ୍ୟମନ୍ତ୍ରୀ- ଅଷ୍ଟ୍ରେଲିଆ ରାଷ୍ଟ୍ରଦୂତ୍ ଆଇ.ଆଣ୍ଡ୍.ପି.ଆର

ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କୁ ଆଏଜ୍ କୋଲ୍‌କାତା ନ ଅବସ୍ଥାପିତ୍ ଅଷ୍ଟ୍ରେଲିଆ ବାଣିଜ୍ୟିକ ଉଚ୍ଚାୟୁକ୍ତ ବର୍ଣ୍ଡାଡ଼ ଲିଞ୍ଚ୍ ଭେଟିଛନ୍ । ଭୁବ୍‌ନେଶ୍ୱର୍ ନ ହେଇଥିବା ଇ

ସାକ୍ଷାତ୍ ଅବ୍‌ସରେ ଅଷ୍ଟ୍ରେଲିଆ ରାଷ୍ଟ୍ରଦୂତ ଓଡ଼ିଶା ନ କୃଷିକ୍ଷେତ୍ରର୍ ବିକାଶ୍ ଲାଗି ନିଆଯାଇଥିବା ପଦକ୍ଷେପ୍ ମାନ୍‌କର୍ ପ୍ରଶଂସା କରିଛନ୍ । କୃଷିକ୍ଷେତ୍ରଥି ଉତ୍ପାଦନ୍ ବଢ଼୍‌ବାର୍ ସହେତେ ବିଦ୍ୟୁତ୍ ଉତ୍ପାଦନ୍ ଆଉ ତାର୍ ପରିବହନ୍ କ୍ଷମତା ବ୍ୟାପକ୍ ହେଇପାରିଛେ । ଇଛ୍‌ନି ଓଡ଼ିଶା ଗୁଟେ ସ୍ଥାୟୀ ଆଉ ସୁରକ୍ଷିତ ଭବିଷ୍ୟତ୍ ଆଡ଼୍‌କେ ଗତି କରୁଛେ ବଲି ଅଷ୍ଟ୍ରେଲିୟ ଦୂତ କହିଛନ୍ । ଇ ସାକ୍ଷାତ୍ ଆଏବା ଦିନେ ଅଷ୍ଟ୍ରେଲିଆ-ଭାରତ୍ - ଓଡ଼ିଶା ସମ୍ପର୍କକେ ଆହୁରି ମଜ୍‌ବୁତ୍ କର୍‌ବା ବଲି ସେ କହିଛନ୍ । ତାର୍ ଆଘୋନୁ ଅଷ୍ଟ୍ରେଲିୟ କନ୍‌ସୋଲ୍ ଜେନେରାଲ୍ ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁଙ୍କୁ ଭେଟିକରି ରାଏଜେ ଶିକ୍ଷ ଆଉ ଦକ୍ଷତା ବିକାଶ୍ ସହେତେ ବୈଷୟିକ ଶିକ୍ଷା ବିଭାଗ୍‌ର ଭିନ୍ ଭିନ୍ ଦିଗ୍ ଉପ୍‌ରେ ଆଲୋଚନା କରିଥିଲେ ।

## ନିର୍ବାଚନ ଅଧିକାରୀ-ନକ୍‌ଲି ୱେବ୍‌ସାଇଟ୍ ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କର୍ ନାଁଥି କେହି ଝନେ ନକ୍‌ଲି ୱେବ୍‌ସାଇଟ୍ ବନେଇକରି ବିଭ୍ରାନ୍ତିକର ତଥ୍ୟ ପ୍ରଚାର୍ କରୁଥିବା

ଅଭିଯୋଗ୍ ହେଇଛେ । ଇ ବାବ୍ଦେ ଖବର୍ ପାଏବାର୍ ଉତ୍ରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କର୍ କାର୍ଯ୍ୟାଳୟ ତର୍ଫୁ ଘଟ୍ନାକେ ନେଇକରି ସ୍ୱଷ୍ଟିକରଣ୍ ରଖାଯାଇଛେ । www.ecoodisha.com ନାଁଥି ନକଲି ଓ୍ୱେବ୍ସାଇଟ୍ ବନାଯାଇଛେ । ଇହାଦେ ରାଏଜେ ଏସ୍ଆଇଆର୍ ପ୍ରକ୍ରିୟାକେ ନେଇକରି କାମ୍ ଚାଲିଥିବାର୍ ବେଲ୍କେ ଲୁକେ ନକ୍ଲି ଓ୍ୱେବ୍ସାଇଟ୍କେ ଅନୁସରଣ୍ ନାଇଁ କର୍ବାର୍କେ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ତର୍ଫୁ ଅନୁରୋଧ୍ କରାଯାଇଛେ । ଇତାର୍ ବଦ୍ଲେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କର୍ ସଠିକ୍ ଓ୍ୱେବ୍ସାଇଟ୍ www.ecoodisha.nic.in କେ ଅନୁକରଣ୍ କରିପାର୍ବେ ବଲି କୁହାଯାଇଛେ ।

ଅପରେସନ୍ ସାଇବର୍ କବଚ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ପୁଲିସ୍ ତର୍ଫୁ ସାଇବର୍ ଅପରାଧ୍ ଆଉ ଆର୍ଥିକ୍ ଠକେଇକେ ଆଏତ୍ କର୍ବାର୍ ଲାଗି ଫେବୃଆରୀ ୧୩ ନୁ ମାର୍ଚ୍ଚ ୧୨ ତାରିଖ୍ ତକ୍ ଚାଲିଥିବା ଅପରେସନ୍ ସାଇବର୍ କବଚ୍ଥି

ସାରା ରାଏଜେ ୩୯ ହଜାର୍ ୭ ଶହ ୧୪ ଟା ବେଆଇନ୍ ବେଙ୍କ୍ ଏକାଉଂଟ୍ ଯାଂଚ୍ କରାଯାଇଛେ ବଲି ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ୍ ବାହାଦୂର୍ ଖୁରାନିଆ କହିଛନ୍ । ଇ ବାବ୍‌ଦେ ଭୁବ୍‌ନେଶ୍ୱର୍ ନ ଆଏଜ୍ ଶ୍ରୀ ଖୁରାନିଆ ସାମ୍ବାଦିକ୍‌ମାନ୍‌କୁ ସୂଚ୍‌ନା ଦେଇକରି କହିଛନ୍, ୧ ହଜାର୍ ୩ ଶହ ୧୫ ଟା ବେଆଇନ୍ ବେଙ୍କ୍ ଏକାଉଂଟ୍ ମାମ୍‌ଲା ସହେତେ ୩୬ ଟା ଏଟିଏମ୍ ଟଙ୍କା ଉଠାଣ, ୪୭ ଟା ଚେକ୍ ଉଠାଣ ମାମ୍‌ଲା ଦାଏର୍ କରାଯିବାର୍ ସହେତେ ୨୪ ଟା ନକ୍‌ଲି ସିମ୍ ଯାଂଚ୍ କରାଯାଇଛେ । ସାଇବର୍ ଅପରାଧ୍ ମାମ୍‌ଲାଥି ୩ ଶହ ୭୯ ଝନ୍ ଅଭିଯୁକ୍ତଙ୍କୁ ଗିରଫ୍ କରାଯିବାର୍ ସହେତେ ୭ ହଜାର୍ ୫ ଶହ ୪୯ ଝନ୍ ସନ୍ଦିଗ୍ଧ ଏକାଉଂଟ୍‌ଧାରୀ ଆଉ ସହାୟକ୍‌ମାନ୍‌କୁ ନୋଟିସ୍ କରାଯାଇଛେ ବଲି ଶ୍ରୀ ଖୁରାନିଆ କହିଛନ୍ ।

ଏଚ୍‌ପିଭି ଟୀକାକରଣ୍ ଅଭିଯାନ୍ ହି.ସ.

ସାରା ଦେଶେ ହ୍ୟୁମାନ୍ ପାପିଲୋମା ଭାଇରସ୍- ଏଚ୍‌ପିଭି ଟୀକାକରଣ୍ ଅଭିଯାନ୍ ଜୋର୍‌ଥି ଚାଲିଛେ । ସ୍ୱାସ୍ଥ୍ୟ

ମନ୍ତ୍ରଣାଳୟର୍ ସୂଚ୍‌ନା ଅନ୍‌ସାରେ ଅଭିଯାନ୍ ମୁଲ୍ ହେବାର୍ ୨ ହପ୍ତା ଭିତ୍‌ରେ ୧୪ ବଛର୍ ବୟସ୍‌ନୁ ଅଏତ୍‌କା ବୟସର୍ ପାଖାପାଖି ୩ ଲାଖ୍ ଟୁକେଲ୍ ଛୁଆଙ୍କୁ ଟୀକା ଦିଆଯାଇଛେ । ଓଡ଼ିଶା ମଧ୍ୟପ୍ରଦେଶ୍, ଆନ୍ଧ୍ରପ୍ରଦେଶ୍, ତାମିଲ୍‌ନାଡୁ, ଗୁଜୁରାଟ୍ ଆଉ ମିଜୋରାମ୍ ବାଗିର୍ ରାଜ୍ୟ ଟୀକାକରଣ୍‌ଥି ଆଗେ ରହିଛନ୍ । ଇ ରାଜ୍ୟମାନେ ବିଦ୍ୟାଳୟ ଆଉ ସ୍ୱାସ୍ଥ୍ୟ ବିଭାଗ୍‌ର ସହଯୋଗ୍‌ଥି ଟୀକାକରଣ୍ ଅଭିଯାନ୍ ଚଲେଇଛନ୍ । ଏଚ୍‌ପିଭି ଟୀକା ଜରାୟୁ କର୍କଟନୁ ସୁରକ୍ଷା ଦେବାର୍‌ଥି ଗୁରୁତ୍ୱପୂର୍ଣ୍ଣ ଭୂମିକା ନଉଛେ । ଅଭିଯାନ୍‌କେ ନେଇକରି ଅଭିଭାବକ୍, ବିଦ୍ୟାଳୟ ଆଉ ଗୋଷ୍ଠୀ ସମୁଦାୟ ନ ସଚେତନତା ବଢ଼୍‌ବାର୍ ସହେତେ ସକାରାତ୍ମକ ପ୍ରତିକ୍ରିୟା ଭିଲ୍ ଦେଖିବାର୍‌କେ ମିଳୁଛେ ବଲି ମନ୍ତ୍ରଣାଳୟ ତର୍‌ଫୁ କୁହାଯାଇଛେ ।

ଦେବେନ୍ଦ୍ର ପ୍ରଧାନ୍-ସ୍ମୃତିସଭା          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ ଆଏଜ୍ ଦିନ୍‌କିଆ ଓଡ଼ିଶାଗସ୍ତଥି ଆସିକରି ଭୁବ୍‌ନେଶ୍ୱର୍ ଓୟୁଏଟି ପରିସର୍ ନ ହେଇଥିବା ଆଘର୍ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡାକ୍ତର୍ ଦେବେନ୍ଦ୍ର ପ୍ରଧାନ୍‌ଙ୍କର୍

ପହେଲା ଶ୍ରାଦ୍ଧବାର୍ଷିକୀ ସ୍ମୃତି ସଭାଥି ଯୋଗ୍ ଦେଇଛନ୍ । କାର୍ଯ୍ୟକ୍ରମ୍‌କେ ସମ୍ବୋଧନ୍ କରିକରି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂ କହିଛନ୍, ରାଜନୀତିଥି ବିଶ୍ୱସନୀୟତା ବଢ଼ାବାର୍ ଲାଗି ଚେରେଷ୍ଟା କରିଥିବା ରାଜନେତାମାନ୍‌କର୍ ଭିତ୍‌ରେ ଡାକ୍ତର୍ ପ୍ରଧାନ୍ ଖାସ୍ ଥିଲେ । ଶିକ୍ଷା, ରୋଜ୍‌ଗାର୍ ଆଉ ଭିତିଭୂମି ବିକାଶ୍ ଲାଗି ନୀତି ନିର୍ଦ୍ଧାରଣ୍ କର୍‌ବାର୍ ଦିଗେ ସ୍ୱର୍ଗତ ପ୍ରଧାନ୍‌ଙ୍କର୍ ଯୋଗଦାନ ବହୁତ୍ ବଡ଼୍ ଥିଲା ବଲି ଶ୍ରୀ ସିଂ କହିଛନ୍ । ସ୍ମୃତିସଭାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ସ୍ୱର୍ଗତ ପ୍ରଧାନ୍ ଦେଖେଇଥିବା ବାଟେ ଚାଲ୍‌ବାର୍‌ଟା ହିଁ ତାଙ୍କର୍ ଲାଗି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବା ବଲି କହିଛନ୍ ।

କାର୍ଯ୍ୟକ୍ରମ୍‌ଥି ରାଜ୍ୟ ବିଜେପି ସଭାପତି ମନ୍‌ମୋହନ୍ ସାମଲ୍, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ମହାବାରୁଣୀ ସ୍ନାନ ଗଞ୍ଜାମ୍/ ଯାଜପୁର୍ ସମ୍ବାଦଦାତା

ଚୈତ୍ ମାସର୍ ଅନ୍ଧାର୍ ପଖର୍ ତ୍ରୟୋଦଶୀ ତିଥି ଅବ୍‌ସରେ ଆଏଜ୍ ଗଞ୍ଜାମ୍ ଜିଲ୍ଲା ଋଷିକୂଲ୍ୟା ନଦୀ ଆଉ ଯାଜ୍‌ପୁର୍ ଜିଲ୍ଲା

ବୈତରଣୀ ନଦୀ ନ ମହାବାରୁଣୀ ସ୍ନାନ କରାଯାଇଛେ । ଇ ଅବ୍‌ସରେ ଶ୍ରଦ୍ଧାଳୁମାନେ ନଦୀଘାଟ୍ ମାନ୍‌କେ ସ୍ନାନ କର୍‌ବାର୍ ସହେତେ ପିତୃପୁରୁଷଙ୍କୁ ପିଣ୍ଡଦାନ ଆଉ ଅସ୍ତିବିସର୍ଜନ୍ କରିଛନ୍ । ଆଝିରର୍ ଦିନେ ଋଷିକୂଲ୍ୟା ଆଉ ବୈତରଣୀ ନଦୀ ନ ବୁଡ଼୍ ପକାଲେ କୋଟି ଜନ୍ମର୍ ପାପ କ୍ଷୟ ହେସି ବଲି ବିଶ୍ୱାସ୍ ରହିଛେ ।

ଛାତ୍ରାବାସ୍- ସମୀକ୍ଷା              ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ସମଗ୍ର ଶିକ୍ଷା ଅଭିଯାନ୍ ତର୍‌ଫୁ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ପରିସର୍ ନ ଜିଲ୍ଲା ନ ଚାଲିଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର୍ ଛାତ୍ରାବାସ୍ ମାନ୍‌କର୍ ପରିଚାଳନା ବାବଦ୍ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲା ଶିକ୍ଷା ଅଧିକାରୀ ଟେମ୍‌ଲାଲ୍ ଦୁବେ ଅଧକ୍ଷତା କରିଥିଲେ । ଅତିରିକ୍ତ ଶିକ୍ଷା ଅଧିକାରୀ ଭାସ୍କର୍ ଲେଙ୍କା ଆଉ ଜେଣ୍ଡର୍ କୋଡିନେଟର୍ ରାଜଲକ୍ଷ୍ମୀ ପଣ୍ଡା ଉପସ୍ଥିତ୍ ରହିକରି ଛାତ୍ରାବାସ୍ ମାନ୍‌କର୍ ସୁପରିଚାଳନା, ଛାତ୍ରୀମାନ୍‌କର୍ ସୁରକ୍ଷା, ସ୍ୱାସ୍ଥ୍ୟ ଆଉ ଶିକ୍ଷାଗତ ଉନ୍ନତି ବାବ୍‌ଦେ ସମୀକ୍ଷା କରିଥିଲେ ।

ଓଡ଼ିଆ ଭାଷା ବେଭାର୍ ତାଲିମ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ସର୍‌କାରୀ କାମ୍‌କାଜ୍‌ଥି ଓଡ଼ିଆ ଭାଷାର୍ ବେଭାର୍ ବାବଦ୍ ଗୁଟେ ତାଲିମ୍ ଶିବିର୍ ହେଇଯାଇଛେ । ଭାରପ୍ରାପ୍ତ ଜିଲ୍ଲାସଂସ୍କୃତି ଅଧିକାରୀ ମୁକେଶ୍ କୁମାର୍ ଭୋଇଙ୍କର୍ ଦେଖ୍‌ରେଖ୍‌ଥି ହେଇଥିବା ଶିବିର୍‌ଥି ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ୍ ରେବେକା ବିଲୁଙ୍ଗ୍ ଆଉ ମାଷ୍ଟର୍ ଟ୍ରେନର୍ ଭାବେ ଭୁବ୍‌ନେଶ୍ୱର୍ ଉତ୍କଳ ବିଶ୍ୱବିଦ୍ୟାଳୟର୍ ଓଡ଼ିଆ ପ୍ରାଧ୍ୟାପକ ଡକ୍ଟର୍ ରମେଶ୍ ଚନ୍ଦ୍ର ମଲ୍ଲିକ୍ ଯୋଗ୍ ଦେଇଥିଲେ । ସର୍‌କାରୀ କାମ୍‌କାଜ୍‌ଥି ଓଡ଼ିଆ ଭାଷାର୍ ବ୍ୟାପକ୍ ବେଭାର୍ ଲାଗି ଇ ଅବ୍‌ସରେ ଅତିଥି ମାନେ ପରାମର୍ଶ ଦେଇଥିଲେ ।

ମାନସିକ ଏକାଗ୍ରତା କାର୍ଯ୍ୟକ୍ରମ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଇନ୍‌ଡୋର୍ ଷ୍ଟାଡ଼ିୟମ୍ ନ ଜିଲ୍ଲା ପୁଲିସ୍ ତର୍‌ଫୁ ମାନସିକ ଏକାଗ୍ରତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ୍ ମଧୁସୂଦନ୍ ଦାସ, ଆରକ୍ଷୀ ଅଧିକ୍ଷକ୍ ଅମୃତ୍ ପାଲ୍

ସିଂ ଯୋଗ୍ ଦେଇକରି ମୁନ୍‌ଷର୍ ଜୀବ୍‌ନେ ମାନସିକ୍ ଏକାଗ୍ରତା ସୁସ୍ଥ, ସନ୍ତୁଳନ ଆଉ ଶକ୍ତି ଭରିଦେସି ବଲି କହିଛନ୍ । ଇ ଅବ୍‌ସରେ ଯୋଗଗୁରୁ, ପୁଲିସ୍ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ ଆଉ ସାଧାରଣ ଲୁକେ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଘଡ଼୍‌ଘଡ଼ି ସହେତେ ଧୁକାଗର୍ଡ଼ି ଆଉ ବର୍ଷା ହେଇଛେ । ଆଏବା ୩ ଦିନ୍‌ତକ୍ ରାଜ୍ୟର୍ ବଡ଼ଭାଗି ଜାଗା ନ ଇତାର୍ ପ୍ରଭାବ୍ ଦେଖିବାର୍‌କେ ମିଲ୍‌ବା । ଇ ସମିଆଥି ତାପମାତ୍ରାଥି କେନ୍‌ସି ପରିବର୍ତ୍ତନ୍ ନାଇଁ ଆସେ । ତାର୍ ଉତ୍‌ରୁ ଦିନର୍ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ଼୍, କଲାହାଣ୍ଡି ସହେତେ ରାଜ୍ୟର୍ ୧୬ ଟା ଜାଗା ନ ଧୁକାଗର୍ଡ଼ି ସହେତେ ହାଲ୍‌କାନୁ ମଧ୍ୟମ୍ ଧରଣ୍ ବର୍ଷା ହେଇପାରେ ବଲି ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।